ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.173 Bhubaneswar Thursday August 17 2023 | ୨୬ତମ ବର୍ଷ ସଂଖ୍ୟା–୧୭୩ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୭, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ଫେବୃଆରୀ ୧୪ରୁ +୨ ପରୀକ୍ଷା



ଭୁବନେଶ୍ୱର,୧୬।୮(ପି.ଏନ): ଆସନ୍ତାବର୍ଷ ଫେବୃୟାରୀ ୧୪ତାରିଖରୁ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ । ଏହି ପରୀକ୍ଷା ମାର୍ଚ୍ଚ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବଧିରେ ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ହେବ । ଆଜି ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବାର୍ଷିକ କ୍ୟାଲେଣ୍ଡର ଜାରି କରାଯାଇ ସୂଚନା ଦିଆଯାଇଛି । ପରିଷଦ ପ୍ରଥମଥର ପାଇଁ ପ୍ରାୟ ୬ମାସ ପୂର୍ବରୁ ଫର୍ମ ଫିଲଅପଠୁ ଆରମ୍ଭ କରି ପରୀକ୍ଷା ଓ ଫଳ ପ୍ରକାଶନ ସଂକ୍ରାନ୍ତରେ ସୂଚନା ଦେଇଛି ।

## ରାଷ୍ଟ୍ରପତି ଗୁରୁବାରଦିନ ପଶ୍ଚିମ ବଙ୍ଗ ଗସ୍ତରେ ଯିବେ

ନୂଆଦିଲ୍ଲୀ , ୧୬ ।୮(ପି.ଏନ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା କାଲି ଗୁରୁବାର ପଶ୍ଚିମ ବଙ୍ଗ ଗସ୍ତରେ ଯିବେ। ରାଷ୍ଟ୍ରପତି ଭବନ ତରଫରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆହୋଇଛି। ଉକ୍ତ ବିଜ୍ଞପ୍ତିରେ କୁହାଯାଇଛି ଯେ ରାଷ୍ଟ୍ରପତି ତାଙ୍କର ଏକ ଦିନିଆ ଗସ୍ତରେ କଲିକତା ଗସ୍ତ ସମୟରେ ସେ କଲିକତାର ରାଜଭବନରେ ବ୍ରହ୍ମକୁମାରୀ ଦ୍ୱାରା ଆୟୋଜିତ ନିଶା ମୁକ୍ତ ଭାରତ ଅଭିଯାନ ମାଧ୍ୟମରେ ମେରା ବଂଗାଲ ବ୍ୟସନ ମୁକ୍ତ ବଙ୍ଗାଲ ଅଭିଯାନର କରିବେ ଶୁଭାରମ୍ଭ ।

# ଝାଡଖଣ୍ଡରେ ନକ୍ସଲ-ସୁରକ୍ଷାକର୍ମୀ ମୁହାଁମୁହିଁ, ୨ ସୁରକ୍ଷାକର୍ମୀ ସହିଦ

ପଶ୍ଚିମ ସିଂହଭୂମି, ୧୬ ।୮(ପି.ଏନ): ସ୍ୱାଧୀନତା ଦିବସ ପୂର୍ବରୁ ଝାଡଖଣ୍ଡରେ ନକ୍ସଲ- ପୋଲିସ ମୁହାଁମୁହିଁ ଯୋଗୁ ୨ ଜଣ ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି । ପଶ୍ଚିମ ସିଂହଭୂମିର ଚାଇବାସା ଜିଲ୍ଲାର ଟୋଟୋ ଥାନା ଅଂଚଳରେ ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ । ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଯୋଗୁ ଝାଡଖଣ୍ଡର ଜଗୁଆରର ସବ ଇନସପେକ୍ଟର ଅମିତ ତିୱାରୀ ଓ ହାବିଲଦାର ଗୌତମ କୁମାରଙ୍କର ବଳିଦାନ ଘଟିଛି । ଅମିତ ୨୦୧୨ ବ୍ୟାଚର ସବ ଇନସପେକ୍ଟର ଥିଲେ । ତେବେ ସିପିଆଇ (ମାଓବାଦୀ) ସଙ୍ଗଠନର ମିସିର ବେସରା ଗ୍ୟାଙ୍ଗ ସହ ସୁରକ୍ଷାକର୍ମୀଙ୍କର ଗୁଳି ବିନିମୟ ହୋଇଥିଲା ।ପଶ୍ଚିମ ସିଂହଭୂମିର ଏସପି ଆଶୁତୋଷ ଶେଖରଙ୍କ ସୂଚନା ମୁତାବକ, ଜିଲ୍ଲାର ତୁମ୍ବାହାକା ଓ ସରଜମ୍ବରୁ ଜଙ୍ଗଲରେ ସୋମବାର ରାତିରେ କୋମ୍ବିଂ ଅପରେସନ କରାଯାଇଥିଲା । ତେବେ ଘନଜଙ୍ଗଲ ଭିତରେ ଲୁଚି ରହିଥିବା ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ । ଏହାପରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ତେବେ ଏହି ଗୁଳି ବିନିମୟରେ ୨ଜଣ ସୁରକ୍ଷାକର୍ମୀଙ୍କର ମୃତ୍ୟୁ ହୋଇଛି ।ଅମିତ ତିୱାରୀ ଖୁଣ୍ଟି ଜିଲ୍ଲାର ତୋରପା ଥାନାରେ ଥାନା ପ୍ରଭାରୀ ଭାବେ ଯୋଗ ଦେଇଥିଲେ । ଅମିତଙ୍କ ଘର ପଲାମୁ ଜିଲ୍ଲାରେ ହୋଇଥିବା ବେଳେ ତିନି ଦିନ ପୂର୍ବରୁ ହିଁ ତାଙ୍କର ପୁଅ ଜନ୍ମ ହୋଇଥିବା ସୂଚନା ମିଳିଛି । ମୋବାଇଲରେ ହିଁ ସେ ତାଙ୍କ ନବଜାତ ପୁଅକୁ ଦେଖିଥିଲେ ।ସୂଚନାଯୋଗ୍ୟ ୪ଦିନ ପୂର୍ବରୁ ଏହି ଅଂଚଳରେ ପୋଲିସ ପକ୍ଷରୁ ଏକ ବଡଧରଣର ଅପରେସନ କରାଯାଇ ମାଓ କ୍ୟାମ୍ପକୁ ନଷ୍ଟ କରାଯାଇଥିଲା । ସେହି ଅଭିଯାନରେ ଜଣେ ଯବାନ ସହିଦ ହୋଇଥିଲେ । ଚୋଇବାସା ଜିଲ୍ଲାର ଜଙ୍ଗଲରେ ନକ୍ସଲ ମାନେ ଲୁଚିରହିଥିଲେ । ତେବେ ଅପରେସନ ସମୟରେ ସୁରକ୍ଷାକର୍ମୀମାନେ ନକ୍ସଲଙ୍କ ନିକଟରେ ପହଂଚିଯାଇଥିଲେ । ତେବେ ଗୁଳି ବିନିମୟ ଯୋଗୁ ଯବାନ ସୁଶାନ୍ତ କୁମାରଙ୍କ ଛାତିରେ ଗୁଳି ବାଜିଥିଲା । ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲ ନିଆଯାଇଥିଲା,ମାତ୍ର ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।ତେବେ ଏହି ଅଭିଯାନରେ ସୁରକ୍ଷାକର୍ମୀମାନେ ମିସିର ବେସରାର ମାଓ କ୍ୟାମ୍ପକୁ ଧ୍ୱଂସ କରିଦେଇଥିଲେ । ନକ୍ସଲ ମିସିର ବେସରା ଏକ ବଙ୍କର ଭିତରୁ ତାର ସଙ୍ଗଠନକୁ ସଂଚାଳନ କରୁଥିଲା । ଏହି ବଙ୍କର ଭିତରେ ଲାଇଟ୍ ସହ ଅନ୍ୟାନ୍ୟ ସୁବିଧା ଥିଲା । ତେବେ ଚଢାଉ ସମୟରେ ଏହି ବଙ୍କର ଭିତରୁ ମୋଟର ସହ ବିସ୍ଫୋରକ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା ।

## ମାର୍କେଟ ବିଲ୍ଡିଂରେ ଉଠା ଦୋକାନୀ ଓ ସ୍ଥାୟୀ ଦୋକାନୀ ମୁହାଁମୁହିଁ

ଭୁବନେଶ୍ୱର, ୧୬ ।୮(ପି.ଏନ): ପୁଣି ଅଶାନ୍ତ ହୋଇଛି ଭୁବନେଶ୍ୱର ମାର୍କେଟ ବିଲ୍ଡିଂ। ଉଠା ଦୋକାନୀ ଜବରଦସ୍ତ ବସିବାକୁ ଉଦ୍ୟମ ବେଳେ ଉଠା ଦୋକାନୀ ଓ ସ୍ଥାୟୀ ଦୋକାନୀ ମୁହାଁମୁହିଁ ହୋଇଛନ୍ତି। ଉଠା ଦୋକାନୀଙ୍କୁ ସେଂଟ୍ରାଲ ମାର୍କେଟ ଆସୋସିଏସନ ବିରୋଧ କରିଛି। ବୁଧବାର ଅପରାହ୍ନରେ ଉଠା ଦୋକାନୀମାନେ ମାର୍କେଟ ବିଲ୍ଡିଂରେ ନିଜର ପସରା ମେଲାଇବାକୁ ଚେଷ୍ଟା କରିଥିଲେ। ସେଂଟ୍ରାଲ ମାର୍କେଟ ଆସୋସିଏସନର କର୍ମକର୍ତାମାନେ ସେମାନଙ୍କୁ ବିରୋଧ କରିଥିଲେ। ଏଠାରେ ଦୋକାନ ଖୋଲିପାରିବ ନାହିଁ ବୋଲି କହିଥିଲେ। ଯାହାକୁ ନେଇ ଉଠା ଦୋକାନୀ ଓ ସେଂଟ୍ରାଲ ମାର୍କେଟ ଆସୋସିଏସନର କର୍ମକର୍ତାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଉଭୟଙ୍କ ଭିତରେ ଠେଲାପେଲା ହୋଇଥିଲା। କିଛି ସମୟ ପାଇଁ ଉତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।ନିକଟରେ ଏହି ବିବାଦ ପାଇଁ ୧୫ ଦିନ ମାର୍କେଟ୍ ବିଲ୍ଡିଂ ବନ୍ଦ ରହିଥିଲା। ଏହାପରେ ବିଏମସି ସହ ଆଲୋଚନା ପରେ ମାର୍କେଟ୍ ଖୋଲିଥିଲା ।

# ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ

ଭୁବନେଶ୍ୱର, ୧୬ ।୮(ପି.ଏନ): ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ପାଇଁ ଡିପିଆର ପ୍ରଦାନ କରିଛି ଡିଏମ୍ଆରସି । ବୁଧବାର ଦିନ ଡିଏମ୍ଆରସି ମୁଖ୍ୟ ସଚିବଙ୍କୁ ଡିପିଆର ପ୍ରଦାନ କରିଛି। ଡିପିଆରରେ ମେଟ୍ରୋ ରେଲ୍ ପ୍ରକଳ୍ପ ନେଇ ବିସ୍ତୃତ ବିବରଣୀ ରହିଛି। ମୋଟ ୨୬ କିମି ମେଟ୍ରୋ ପ୍ରକଳ୍ପରେ ରହିବ ୨୦ ଷ୍ଟେସନ । ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଆରମ୍ଭ ହୋଇ ତ୍ରିଶୂଳିଆ ଯାଏ ନିର୍ମାଣ ହେବ ମେଟ୍ରୋ ଲାଇନ୍ ।ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଭୁବନେଶ୍ୱର ମେଟ୍ରୋ ଟ୍ରେନ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ନିମନ୍ତେ ଦିଲ୍ଲୀ ମେଟ୍ରୋ ରେଳ ନିଗମ(ଡିଏମଆରସି)କୁ ଦାୟିତ୍ୱ ଦିଆଯାଇଥିଲା। ଡିଏମଆରସି ଦ୍ୱାରା ଭୁବନେଶ୍ୱରରେ ଟ୍ରାଫିକ ସର୍ଭେ, ଜିଓ ଟେକନିକାଲ ଇନଭେଷ୍ଟିଗେସନ, ଟୋପୋଗ୍ରାଫିକ ସର୍ଭେ, ପରିବେଶ ଓ ସାମାଜିକ ପ୍ରଭାବ ଆକଳନ ଆଦି ପରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରିଛନ୍ତି। ଭୁବନେଶ୍ୱର ମେଟ୍ରୋ ରେଳ ନିଗମର ଆଜିର ବୈଠକରେ ଏହି ଡିପିଆରକୁ ଡିଏମଆରସି ଦ୍ୱାରା ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ନିକଟରେ ଦାଖଲ କରାଯାଇଛି ।ମେଟ୍ରୋ ଟ୍ରେନ ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିକଟରୁ ବାହାରି କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳଷ୍ଟେସନ, ରାମମନ୍ଦିର ଛକ, ବାଣୀବିହାର, ଆଚାର୍ଯ୍ୟ ବିହାର ଛକ, ଜୟଦେବ ବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଂଟର, ଡମଣା ଛକ, ପଟିଆ ଛକ, କିଟ ଛକ, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଫୁଲପୋଖରୀ ଓ କଟକର ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ଚଳାଚଳ କରିବ ।ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫାଇଭ-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଭୁବନେଶ୍ୱର ମେଟ୍ରୋ ଟ୍ରେନ ପ୍ରକଳ୍ପକୁ ଅନୁମୋଦନ କରିବା ସହ ଏହା ଭୁବନେଶ୍ୱର ବିମାନ ବନ୍ଦରରୁ କଟକର ତ୍ରିଶୁଳିଆ ପର୍ଯ୍ୟନ୍ତ ଚଳାଚଳ କରିବ ଓ ପରବର୍ତୀ ସମୟରେ ଖୋର୍ଦ୍ଧା ଓ କଟକ ସହ ଭୁବନେଶ୍ୱର ଓ କଟକ ସହର ଅନ୍ୟ ଅଂଚଳରେ ଚଳାଚଳ କରିବ ବୋଲି ଘୋଷଣା କରିଥିଲେ ।

# ବରଗଡ ଜିଲ୍ଲାରେ ହେବ ୩ଟି ନୂଆ ବୃହତ୍ ସେତୁ

ଭୁବନେଶ୍ୱର, ୧୬ ।୮(ପି.ଏନ): ବରଗଡ ଜିଲ୍ଲାରେ ୩ଟି ବୃହତ ସେତୁର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ୩ଟି ନୂତନ ସେତୁ ଦ୍ୱାରା ଜିଲ୍ଲାର ପ୍ରାୟ ୭.୨୫ ଲକ୍ଷ ଲୋକ ଉପକୃତ ହେବେ। ଏହାଦ୍ୱାରା ଜିଲ୍ଲାରେ ଗମନାଗମନର ସୁବିଧା ସହିତ ସାମାଜିକ ସୁବିଧା ସୁଯୋଗ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ଟି ସଚିବ ଭି.କେ. ପାଣ୍ଡିଆନ ଗତ ଜୁନ୍ ମାସ ୨୬ ଓ ୨୭ ତାରିଖରେ ବରଗଡ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବା ସହିତ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ସ୍ଥାନରେ ଲୋକଙ୍କ ଅନୁରୋଧକୁ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବରଗଡ ଜିଲ୍ଲାରେ ୩ଟି ନୂତନ ବୃହତ ସେତୁର ନିର୍ମାଣ ପାଇଁ ୩୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମଞ୍ଜୁର ହୋଇଥିବା ୩ଟି ସେତୁ ମଧ୍ୟରେ ବରପାଲିରେ ଗୋଟିଏ ବୃହତ ସେତୁ ରହିଛି। ବରପାଲିର ଜିରୋଟ ନାଳ ଉପରେ ଏକ ସେତୁ ନିର୍ମାଣ କରାଯିବ। ୧୨୦ ମିଟର ଦୀର୍ଘ ଏହି ସେତୁ ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ବରଗଡ ଓ ବରପାଲି ବ୍ଲକ ମୁଖ୍ୟାଳୟକୁ ସଂଯୋଗ କରିବା ସହିତ ଜିଲ୍ଲା ମୁଖ୍ୟାଳୟକୁ ମଧ୍ୟ ଯୋଗାଯୋଗର ସୁବିଧା ସୃଷ୍ଟି ହେବ। ଏହାଦ୍ୱାରା ପ୍ରାୟ ୨ ଲକ୍ଷ ୨୫ ହଜାର ଲୋକ ଉପକୃତ ହେବେ। ସେହିପରି ବରଗଡ ପୌରାଂଚଳ ଆଗାଁ ନଳା ଉପରେ ୬୦ ମିଟର ଦୀର୍ଘ ସେତୁ ନିର୍ମାଣ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ବରଗଡ ଜିଲ୍ଲା ମୁଖ୍ୟାଳୟ ସହିତ ପରପାଲି ଓ ଭେଡେନ ବ୍ଲକ ମୁଖ୍ୟାଳୟକୁ ଯୋଡିବ । ଏହାଦ୍ୱାର ୨ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ। ତୃତୀୟ ସେତୁଟି ସରଳା ନାଳ ଉପରେ ନିର୍ମାଣ କରାଯିବ। ୧୫୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ଭଟଲି ବ୍ଲକ ମୁଖ୍ୟାଳୟକୁ ବରଗଡ ଓ ଅତାବିରା ବ୍ଲକ ମୁଖ୍ୟାଳୟକୁ ଯୋଡିବ। ଏହାଦ୍ୱାରା ୨ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ।

# ଭୁବନେଶ୍ୱରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ



ଭୁବନେଶ୍ୱର,୧୬।୮(ପି.ଏନ): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦୁଇଦିନିଆ ଓଡିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଂଚିଛନ୍ତି । ବିମାନ ବନ୍ଦରରେ ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପିର ବରିଷ୍ଠ ନେତାମାନେ ସ୍ୱାଗତ କରିବା ସହ ସେଠାରୁ ତାଙ୍କୁ ସିଧାସଳଖ ବିଜେପି ଦଳୀୟ କାର୍ଯ୍ୟାଳୟକୁ ନିଆଯାଇଥିଲା । ସେ ରାଜ୍ୟ ବିଜେପି ପକ୍ଷରୁ ଆୟୋଜିତ ଦଳୀୟ ନେତ୍ରୀ ନିବେଦିତା ପ୍ରଧାନଙ୍କ ସ୍ମୃତି ସଭାରେ ଯୋଗ ଦେଇ ମହିଳାମାନେ ଆଗକୁ ଆସିଲେ ତାହା ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ ବୋଲି କହିବା ସହ ବିଜେପିରେ ମହିଳା ନେତ୍ରୀମାନେ କିଭଳି ଅଗ୍ରାଧିକାର ପାଇଛନ୍ତି ସେ ସମ୍ପର୍କରେ ନିଜର ମତ ରଖିଥିଲେ ।ସୂଚନା ଅନୁସାରେ, ଶ୍ରୀମତୀ ସୀତାରମଣ ଆସନ୍ତାକାଲି ସକାଳ ୭ଟାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ କେନ୍ଦ୍ରମନ୍ତ୍ରୀ ପୁରୀରେ ୮ଟାରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପୁରୀ ବ୍ଲୁ-ଫ୍ଲାଗ ବେଳାଭୂମିଠାରେ 'ମେରୀ ମାଟି ମେରା ଦେଶ' ବିଷୟବସ୍ତୁ ଉପରେ ନିର୍ମିତ ବାଲୁକା କଳାକୃତି ପରିଦର୍ଶନ କରିବେ । ସକାଳ ୯ଟାରେ ପେଣ୍ଠକଟା ନିକଟସ୍ଥ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ କ୍ୟାମ୍ପସ ପରିସରରେ 'ମେରୀ ମାଟି ମେରା ଦେଶ' କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷରୋପଣ କରିବା ସହ ପଂଚପ୍ରାଣ ଶପଥ ଗ୍ରହଣ କରିବେ ।




ଆମେରିକାରେ ଅବସ୍ଥାପିତିତ ରୂପା ଦାଶଙ୍କ ଦ୍ୱାରା ବିଶ୍ୱର ତୃଣମୂଳ ସ୍ତରରୁ ଉଠି ସଫଳତା ର ଶିଖର ଛୁଇଁଥିବା ୬୦ ଜଣ ମହାନ ମହିଳା ଙ୍କର ସାଫଲ୍ୟର କାହାଣୀ କୁ ଉଲ୍ଲେଖ କରି ଲିଖିତ ପୁସ୍ତକ," ଲିଡ଼ହର" କୁ କଟକ ଠାରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ର ଅଧକ୍ଷ ଇଂଜିନିୟର ଶ୍ରୀ ଅନିଲ ସାମଲ, ଆଇ.ଏ.ଏସ , ଶ୍ରୀମତୀ ଦାଶ ଏବଂ ବହିର ଅଳଂକରଣ କରିଥିବା ଶ୍ରୀମତୀ ଦାଶ ଙ୍କର କନ୍ୟା ଆୟାତୀ ଦାଶ କର ପ୍ରଦର୍ଶନ କରୁଛନ୍ତି ।

# ଇଣ୍ଡିଆ ମେଣ୍ଟରେ ଫାଟ ! କଂଗ୍ରେସ-ଆପ୍ ମଧ୍ୟରେ ତିକ୍ତତା





ନୂଆଦିଲ୍ଲୀ,୧୬।୮(ପି.ଏନ): ବିଜେପି ବିରୋଧରେ ଏକାଠି ହୋଇଥିବା ବିରୋଧୀ ମେଣ୍ଟ ଇଣ୍ଡିଆରେ ଫାଟ। ମୌସୁମୀ ଅଧିବେଶ ବେଳେ ଓ ଏହା ପୂର୍ବରୁ ପରସ୍ପରକୁ ସମର୍ଥନ କରୁଥିବା ଆପ ଏବଂ କଂଗ୍ରେସ ମଧ୍ୟରେ ଏବେ ତିକ୍ତତା ଆରମ୍ଭ ହୋଇଛି। ସ୍ଥିତି ଏପରି ହୋଇଛି ଯେ ଆସନ୍ତା ୩୧ରେ ବସିଥିବାରୁ ଥିବା ଇଣ୍ଡିଆର ତୃତୀୟ ବୈଠକରେ ଆପ୍ ଯୋଗଦେବାର ଆଉ ଆବଶ୍ୟକତା ନଥିବା ମଧ୍ୟ କହିବାକୁ ପଛାଇ ନାହିଁ।ପ୍ରଥମେ କଂଗ୍ରେସ ନେତ୍ରୀ ଅଲକା ଲାମ୍ବା କହିଥିଲେ ଯେ ଦଳ ଦିଲ୍ଲୀର ସମସ୍ତ ୭ ଲୋକସଭା ଆସନରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିବ। କଂଗ୍ରେସ ଏକତରଫା ଭାବେ ଏକାକୀ ସମସ୍ତ ୭ ଆସନରେ ଲ?ିବାକୁ ବୟାନ ଦେଇଥିବାରୁ ଏହାକୁ ଆପ୍ ସହଜରେ ଗ୍ରହଣ କରିପାରି ନାହିଁ। କଂଗ୍ରେସ ମେଣ୍ଟ କରିବା ମୁଡରେ ନଥିବାରୁ ଆଉ ବିରୋଧୀ ମେଣ୍ଟ ଇଣ୍ଡିଆରେ ଯୋଗଦେବାର ମୂଲ୍ୟ ନଥିବା ଆପ୍ କହିଛି।୨୦୨୪ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସର ଦିଲ୍ଲୀ ୟୁନିଟ ପକ୍ଷରୁ ଆଜି ଗୋଟିଏ ବୈଠକ ବସିଥିଲା। ଦଳର ବରିଷ୍ଠ ନେତାମାନଙ୍କ ସହ ଦିଲ୍ଲୀ ୟୁନିଟର ନେତାମାନେ ନିଜର ପ୍ରସ୍ତୁତି ସମ୍ପର୍କରେ କଥା ହୋଇଥିଲେ। ଏହାପରେ ଅଲକା ଲାମ୍ବା କହିଛନ୍ତି ଯେ "ଦୀର୍ଘ ୩ ଘଣ୍ଟା ଧରି ଚାଲିଥିବା ବୈଠକରେ ରାହୁଲ ଗାନ୍ଧି, ମଲ୍ଲିକାର୍ଜୁନ ଖଡଗେ, କେସି ଭେନୁଗୋପାଲ ଓ ଦୀପକ ବାବାରିଆ ଉପସ୍ଥିତ ଥିଲେ।

## ଆଗାମୀ ୧୮ ବେଳକୁ ପୁଣି ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୧୬।୮(ପି.ଏନ): ଆଗାମୀ ଅଗଷ୍ଟ ୧୮ ବେଳକୁ ବଙ୍ଗୋପ ସାଗରରେ ପୁଣି ଥରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ଟ୍ୱିଟ କରି କୁହା ଯାଇଛି ଯେ. ଉତର-ପୂର୍ବ ତତ-ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳର ସମୁଦ୍ର ମଧ୍ୟରେ ବାୟୁମଣ୍ଡଳର ୪.୫ ରୁ ୭.୬କିମି ଉଚ୍ଚତା ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର ବଙ୍ଗୋପସାଗର ଅଂଚଳର ଆଗାମୀ ୧୮ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସମ୍ଭାବନା ରହିଛି ।

# ୧୦ ହଜାର ଲାଞ୍ଚ ନେଉଥିବାବେଳେ ଧରାପଡିଲେ ଭଦ୍ରକ ସିଡିପିଓ ଓ ସହଯୋଗୀ ସୁପରଭାଇଜର

ଭଦ୍ରକ, ୧୬ ।୮(ପି.ଏନ):ଆଜି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭଦ୍ରକ ସିଡିପିଓ ଏବଂ ତାଙ୍କ ସହଯୋଗୀ ସୁପରଭାଇଜର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଗିରିଫ ସିଡିପିଓ ହେଲେ ସୁନନ୍ଦା ଦାସ ଓ ସୁପରଭାଇଜର ସୁଲୋଚନା ବେହେରା। ଏହି ଦୁଇଜଣ ଆଜି ଭଦ୍ରକ ଡିଏସ୍ଡବ୍ଲ୍ୟୁଓ କାର୍ଯ୍ୟାଳୟ ଠାରେ ଏହି ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଭଦ୍ରକ ବ୍ଲକ୍ ଅଧୀନସ୍ଥ ବଣିଆ ପଂଚାୟତର ସରଗଡିଆ ମିନି ଅଙ୍ଗନୱାଡି କେନ୍ଦ୍ରର ଇତିଶ୍ରୀ ସେଠୀଙ୍କୁ ନିଯୁକ୍ତି ଦେବାକୁ ତାଙ୍କ ଦାଦାଙ୍କ ଠାରୁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଭଦ୍ରକ ସିଡିପିଓ ଶ୍ରୀମତୀ ଦାସ। ସେ ନିଯୁକ୍ତି ପାଇଲା ପରେ ଟଙ୍କା ଦେବେ ବୋଲି କହିଥିଲେ। ତେବେ ଇତିଶ୍ରୀ ନିଯୁକ୍ତି ପାଇ ଯୋଗଦାନ କଲାପରେ ଭଦ୍ରକ ସିଡିପିଓ ଶ୍ରୀମତୀ ଦାସ ଇତିଶ୍ରୀଙ୍କ ଦାଦା ପ୍ରଶାନ୍ତ ସେଠୀଙ୍କୁ ଟଙ୍କା ମାଗିଥିଲେ। ଫଳରେ ପ୍ରଶାନ୍ତ ଏହି ବିଷୟରେ ଭିଜିଲାନ୍ସ ବିଭାଗ ଏସ୍ପିଙ୍କୁ ଜଣାଇବା ପରେ ବାଲେଶ୍ୱରର ଆଡିସ୍ନାଲ ଏସ୍ପି ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ଭଦ୍ରକ ଭିଜିଲାନ୍ସ ଡିଏସ୍ପି ଡି.କେ. ସାମନ୍ତ, ଭଦ୍ରକ ଟାଉନ୍ ଥାନାଧିକାରୀ ଉମାଶଙ୍କର ନାୟକ ପ୍ରମୁଖ ଚଢାଉରେ ସାମିଲ ଥିଲେ। ତେବେ ଆଜି ସିଡିପିଓ ଓ ତାଙ୍କ ସହଯୋଗୀ ସୁପରଭାଇଜର ଭଦ୍ରକ ଡିଏସ୍ଡବ୍ଲ୍ୟୁଓ ଅଫିସ୍ ପାଖରେ ଥିବାରୁ ସେଠାକୁ ଟଙ୍କା ନେଇଆସିବାକୁ ପ୍ରଶାନ୍ତକୁ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରଶାନ୍ତଙ୍କ ଠାରୁ ସେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ରହିଥିବା ଭିଜିଲାନ୍ସ ଟିମ୍ ୨ ଜଣଙ୍କୁ କାବୁ କରିନେଇଥିଲେ। ତେବେ ୨ ଜଣ ଗିରଫ ପରେ ସିଡିପିଓ ରହୁଥିବା ସାମରାଇପୁର ମହାବୀର କଲୋନୀ ଭଡାଘରେ ମଧ୍ୟ ଚଢାଉ କରାଯାଇଥିଲା।

# ଅଦିନ ଝଡରେ ଉଡିଗଲା ଛପର; ଆବର୍ଜନା ଘରେ ରହୁଛନ୍ତି ୪ ପ୍ରାଣୀ କୁଟୁମ୍ବ



ଭୁବନେଶ୍ୱର,୧୬।୮(ପି.ଏନ): ଅଦିନ ଝଡରେ ଉଡିଗଲା ନିଡ। ହେଲେ ସଜାଡି ପାରିଲେ ନାହିଁ। ସହାୟତା ମାଗି ମାଗି ନୟାନ୍ତ ହେଲେ। କେହି ସାହାୟତାର ହାତ ବ?ାଇଲେ ନାହିଁ। ଶେଷରେ ସରପଞ୍ଚଙ୍କ ଦୟାରେ ଆବର୍ଜନା ଘରେ ମୁଣ୍ଡ ଗୁଞ୍ଜିଲେ। ବାସ୍ ତା'ପରଠାରୁ ଦୀର୍ଘ ଦୁଇ ବର୍ଷ ହେଲା ଅଳିଆ ଘରେ ରହୁଛନ୍ତି ୪ ପ୍ରାଣୀ କୁଟୁମ୍ବ। ଦାରିଦ୍ର୍ୟର ଏପରି ବିକଳ ଚିତ୍ର ସାମ୍ନାକୁ ଆସିଛି ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରୁ ।ସଦର ବ୍ଲକ ବରଦାପାଳ ଗାଁରେ ବାସ କରନ୍ତି ବଗ ମୁଣ୍ଡା। କାମ ଦାମ କରି ଚଳୁଥିଲେ। ସେଥିରୁ ଯାହା ରୋଜଗାର କରୁଥିଲେ, ସେଥିରେ ଚଳୁଥିଲା ପୂରା ପରିବାର। ବଗଙ୍କ ପରିବାର କହିଲେ ପତ୍ନୀ ବୁଧୁନି ମୁଣ୍ଡା ଓ ଦୁଇ ପୁଅଝିଅ। ଦୁଃଖ କଷ୍ଟ ହେଲେ ମଧ୍ୟ ଚଳିଯାଉଥିଲା ତେଲ ଲୁଣର ସଂସାର। ହଠାତ୍ ଦିନେ ମାଡି ଆସିଲା ଅଦିନ ଝଡ। ଆଉ ସେହି ଝଡରେ ଉଡିଗଲା ବଗଙ୍କ ଝାଟି ମାଟିର ଘର। ମୁଣ୍ଡ ଉପରୁ ଛାତ ଉଡିଯିବା ପରେ ପୂରା ବେସାହାରା ହୋଇଗଲା ପରିବାର। ରହିବେ କୋଉଠି ? ସେହି ଚିନ୍ତା ତାଙ୍କୁ ଘାରିଥିଲା।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଟକଙ୍କ ଭିଡ। ଏହି ଉଦେ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବ୍ୟତୀତ ଅନ୍ୟ ରାଜ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଟକଙ୍କ ବର୍ଦ୍ଧିତ ସଂଖ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ



ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବନ୍ଧୁଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଲକ୍ଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟରେ ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚ୍ୟୁତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ୍ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଦି କିଙ୍ଗ ଅଫ୍ ଫାଣ୍ଟାସି ଶାହ ରୁଖ ଖାନ୍‌ଙ୍କୁ ସନ୍‌ଫିଷ୍ଟ ତାହାର ଡାର୍କ ଫାଣ୍ଟାସି ପାଇଁ ନୂତନ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଘୋଷଣା କଲା

ନୂଆଦିଲ୍ଲୀ,(ପି.ଏନ): ଆଇଟିସିର ସନ୍‌ଫିଷ୍ଟ ଡାର୍କ ଫାଣ୍ଟାସି ଉକ୍ତ ବ୍ରାଣ୍ଡର ନୂଆ ଚେହେରା ଭାବରେ 'କିଙ୍ଗ ଅଫ୍ ଫାଣ୍ଟାସି'- ଶାହ ରୁଖ ଖାନ୍ କୁ ନେଇ ଏକ ଚମତ୍କାର ନୂତନ ଯାତ୍ରା ଆରମ୍ଭ ସମ୍ପର୍କରେ ଅତ୍ୟନ୍ତ ଉଲ୍ଲାସର ସହିତ ଘୋଷଣା କରିଛି। ସନ୍‌ଫିଷ୍ଟ ତାହାର ଗ୍ରାହକମାନଙ୍କ ସହିତ ନିବିଡ ସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟରେ 'ସନ୍‌ଫିଷ୍ଟ ଡାର୍କ ଫାଣ୍ଟାସି-'ପ୍ରତ୍ୟେକ ହୃଦୟର କଳ୍ପନା' ନାମରେ ନିଜର ନବିକୃତ ବ୍ରାଣ୍ଡ୍ ପରିଚିତି ପ୍ରଚଳନ କରିଛି। ଆମର ଦୈନନ୍ଦିନ ଜୀବନରେ ଫାଣ୍ଟାସିର ଏକ ସ୍ପର୍ଶ ନିମନ୍ତେ ସାର୍ବଜନୀନ ଉତ୍କଣ୍ଠାରୁ ଏହି ନବୋନ୍ମେଷୀ ଚିନ୍ତାଧାରା ସୃଷ୍ଟି ହୋଇଛି। ଏହି ନୂତନ ଆଭିମୁଖ୍ୟ ସହିତ ବ୍ରାଣ୍ଡ୍ ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ବ୍ୟକ୍ତିଗତ ଫାଣ୍ଟାସି ଉଡାଣକୁ ଉତ୍ସାହିତ କରିବାକୁ ବିବିଧ ଖାଉଟି ବର୍ଗକୁ ସମ୍ବନ୍ଧିତ କରିବାକୁ ପ୍ରୟାସ କରୁଛି। କୋଟି କୋଟି ପ୍ରଶଂସକ ଭଲ ପାଉଥିବା ଶାହ ରୁଖ ଖାନ୍ ବାସ୍ତବରେ ପ୍ରତ୍ୟେକ ଭାରତୀୟଙ୍କ ଫାଣ୍ଟାସିର ପ୍ରତିନିଧିତ୍ୱ କରୁଛନ୍ତି। ଏହି ଦୁହିଙ୍କ ମଧ୍ୟରେ ତାଳମେଳ ଏହାକୁ ଏକ ଅଦ୍ଭୁତ ସଂଯୋଜନ କରି ଗଢିତୋଳୁଛି। 'କିଙ୍ଗ ଅଫ୍ ବିସ୍କୁଟ୍ସ୍' ଶକ୍ତି ସହିତ 'କିଙ୍ଗ ଅଫ୍ ବଲିଉଡ' ଯୋଗ ଦେଉଥିବାରୁ ବିଜ୍ଞାପନ ଏବଂ ବ୍ରାଣ୍ଡିଂ କ୍ଷେତ୍ରରେ ସେମାନଙ୍କର ଏହି ସହଯୋଗିତା ଏକ ନୂତନ ଯୁଗ ଆରମ୍ଭ ନିମନ୍ତେ ମଞ୍ଚ ପ୍ରସ୍ତୁତ କରିଛି। ସନ୍‌ଫିଷ୍ଟର ଡାର୍କ ଫାଣ୍ଟାସି -'ପ୍ରତ୍ୟେକ ହୃଦୟର କଳ୍ପନା' ଯାତ୍ରାରେ ଅଗ୍ରସର ହେଉଥିବାବେଳେ ଏହା ଉପଭୋକ୍ତାମାନଙ୍କୁ ଶାହ ରୁଖ ଖାନ୍‌ଙ୍କ ଆକର୍ଷଣ ଏବଂ ନିଜ ବିସ୍କୁଟ୍‌ର ମନମୁଗ୍ଧକର ସ୍ୱାଦର ମାର୍ଗଦର୍ଶନରେ ଏକ ଅନନ୍ୟ ଦୁଃସାହସିକ ଯାତ୍ରାରେ ଭାଗନେବାକୁ ଆମନ୍ତ୍ରଣ କରୁଛି। ଏହି ଅଧ୍ୟାୟ କେବଳ ବ୍ରାଣ୍ଡର ସଂଜ୍ଞା ପୁନଃନିର୍ଦ୍ଧାରଣ କରୁନାହିଁ, ତାହାସହିତ ଦେଶବ୍ୟାପୀ ବ୍ୟକ୍ତିବିଶେଷଙ୍କ ହୃଦୟରେ ଫାଣ୍ଟାସି ବିଷୟକୁ ଉଚ୍ଚତର ସ୍ଥାନକୁ ନେଇଯାଉଛି। ଶ୍ରୀ ଅନିଲ ଶେରେ, ଚିଫ୍ ଅପରେଟିଂ ଅଫିସର, ବିସ୍କୁଟ୍ସ୍ ଆଣ୍ଡ କେକ୍ସ୍ କ୍ଲଷ୍ଟର, ଆଇଟିସି ଫୁଡ୍ସ୍, ଶାହ ରୁଖ ଖାନ୍‌ଙ୍କ ସହିତ ଚମତ୍କାର ସହଭାଗୀତା ସମ୍ପର୍କରେ ତାଙ୍କର ଭାବଧାରା ପ୍ରକାଶ କରିଛନ୍ତି, ନ୍ତସନ୍‌ଫିଷ୍ଟ ଫାଣ୍ଟାସିର ଚେହେରା ଭାବରେ ବଲିଉଡ କିଙ୍ଗ୍ ଶାହ ରୁଖ ଖାନ୍‌ଙ୍କୁ ପାଇ ଆମେ ଅତ୍ୟନ୍ତ ଉଲ୍ଲସିତ। ସେ ଜଣେ ପ୍ରତିଷ୍ଠିତ ଚେହେରା, ତାଙ୍କର ଆକର୍ଷଣ, ଉତ୍କର୍ଷ ଏବଂ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତାଙ୍କୁ ଏହି ବ୍ରାଣ୍ଡର ପ୍ରତିନିଧିତ୍ୱ କରିବାକୁ ଏକ ଉପଯୁକ୍ତ ପସନ୍ଦ କରି ଗଢିତୋଳିଛି। ତାଙ୍କ ସହଯୋଗିତାକୁ ନେଇ ଏହି ବ୍ରାଣ୍ଡର ଉପସ୍ଥିତିରେ ଉନ୍ନତି ଘଟାଇବା ଏବଂ ଖାଉଟିଙ୍କ ସହିତ ଏହାର ସଂଯୋଗ ପୁନଃ ସୁଦୃଢ କରିବାକୁ ଆମେ ପୂର୍ଣ୍ଣ ଆତ୍ମବିଶ୍ୱାସୀ ଅଛୁ। ସମ୍ମିଳିତ ଭାବରେ ଆମେ ଜନତାଙ୍କୁ ଏକ ଅନନ୍ୟ ଯାତ୍ରାରେ ନେଇଯିବାକୁ ଲକ୍ଷ୍ୟ ରଖିଛୁ ଯାହା ସେମାନଙ୍କର ଫାଣ୍ଟାସିକୁ ପାଳନ କରିବ ଏବଂ ଏହାକୁ ଏକ ସ୍ମରଣୀୟ ଅନୁଭୂତିରେ ପରିଣତ କରିବ।ନ୍ତନିଜ ଅଭିନୀତ ଚଳଚ୍ଚିତ୍ର କୋଟି କୋଟି ହୃଦୟକୁ ଆନନ୍ଦ ଦେଉଥିବା ବଲିଉଡ ତାରକା ଶାହ ରୁଖ ଖାନ୍ ସନ୍‌ଫିଷ୍ଟ ଡାର୍କ ଫାଣ୍ଟାସି ସହିତ ହାତ ମିଳାଇବା ସମ୍ପର୍କରେ ଉଲ୍ଲସିତ ଭାବ ପ୍ରକାଶ କରି କହିଥିଲେ, ନ୍ତଆମ ସମସ୍ତଙ୍କ ଦ୍ୱାରା ବାସ୍ତବରେ ଭଲ ପାଉଥିବା ବ୍ରାଣ୍ଡ୍ ସନ୍‌ଫିଷ୍ଟ ଡାର୍କ ଫାଣ୍ଟାସି' ସହିତ ସହଯୋଗିତା ନେଇ ମୁଁ ଆନନ୍ଦିତ। ବ୍ରାଣ୍ଡର ନୂତନ ଅଭିବ୍ୟକ୍ତି 'ପ୍ରତ୍ୟେକ ହୃଦୟର କଳ୍ପନା' ମୋ ସହିତ ଗଭୀର ଭାବରେ ମେଳ ଖାଉଛି, କାରଣ ଏହା ଜନତାଙ୍କୁ କଳ୍ପନା କରିବା, ଅସାଧାରଣ କଳ୍ପନା କରିବା ଏବଂ ବଞ୍ଚିବା ନିମନ୍ତେ ଉତ୍ସାହିତ କରୁଛି, ଯେଉଁ ଚିନ୍ତାଧାରାରେ ମୁଁ ବାସ୍ତବରେ ବିଶ୍ୱାସ କରେ। କଳ୍ପନାଗୁଡିକୁ ସାକାର କରିବାର ଏହି ଚମତ୍କାର ଏବଂ ଅନନ୍ୟ ଯାତ୍ରାର ଅଂଶବିଶେଷ ହେବାନେଇ ମୁଁ ଉଲ୍ଲସିତ ଏବଂ ଗର୍ବିତ ମନେକରୁଛି।ନ୍ତଶ୍ରୀ ରୋମି ନାୟର, ନ୍ୟାସନାଲ କ୍ରିଏଟିଭ ଡାଇରେକ୍ଟର, ଏଫ୍‌ସିବି ଉଲ୍‌କା, ଶାହ ରୁଖ ଖାନ୍ ଏବଂ ସନ୍‌ଫିଷ୍ଟ ଡାର୍କ ଫାଣ୍ଟାସି ମଧ୍ୟରେ ଚମତ୍କାର ସହଯୋଗିତା ଉପରେ ନିଜର ଆନନ୍ଦ ପ୍ରକାଶ କରି କହିଥିଲେ, ନ୍ତଆମେ ଜାଣୁ ଯେ ପ୍ରତ୍ୟେକ ବ୍ୟକ୍ତି କଳ୍ପନା କରନ୍ତି ଏବଂ 'ପ୍ରତ୍ୟେକ ହୃଦୟର କଳ୍ପନା' ସେହି ଅନ୍ତର୍ଦୃଷ୍ଟିରୁ ଜନ୍ମ ନେଇଛି। ଏହି ଅଭିଯାନ ଜଣେ ସାଧାରଣ ମଣିଷକୁ 'କଳ୍ପନାର ଉଡାଣ' କରିବା ଏବଂ ପ୍ରକୃତିସ୍ଥ ହେବାକୁ ଉତ୍ସାହିତ କରୁଛି। ଏହି ଚିନ୍ତାଧାରାକୁ ଜୀବନ କରିବା ସକାଶେ ଭାରତର ଫାଣ୍ଟାସି ଭାବରେ ପରିଚିତ ଶାହ ରୁଖ ଖାନ୍‌ଙ୍କ ଠାରୁ ଆଉ କିଏ ଭଲ ହୋଇପାରିବେ। ଏହି ପ୍ରଚାର ଅଭିଯାନ ଶାହ ରୁଖ ଖାନ୍‌ଙ୍କୁ ଏକ ଅବତାରରେ ଉପସ୍ଥାପନ କରୁଛି ଯାହାକୁ ନେଇ ଆମେ ସମସ୍ତେ ତାଙ୍କୁ ଭଲ ପାଉ। ଏହି ଅଭିଯାନ ସହିତ ସେ ଭାରତର ମନ ମୋହିବେ।ନ୍ତଏଫ୍‌ସିବି ଉଲ୍‌କା ଦ୍ୱାରା ପରିକଳ୍ପିତ ଏହି ଟିଭିସି ସାଲୋନ୍‌ର ଏକ ପ୍ରତୀକ୍ଷା ସ୍ଥଳରୁ ଆରମ୍ଭ ହେଉଛି ଯେଉଁଠାରେ ଜଣେ ମହିଳା ଆଗ୍ରହର ସହିତ ନିଜର ପାଳିକୁ ଅପେକ୍ଷା କରୁଛନ୍ତି। ସମୟ ଅତିବାହିତ କରିବା ନିମନ୍ତେ ସେ ଚକୋ ଫିଲ୍ସ୍ କୁକିକୁ ଖାଉଛନ୍ତି, ଯାହା ତାଙ୍କୁ ତୁରନ୍ତ ଏକ କଳ୍ପନାଜଗତ ମଧ୍ୟକୁ ନେଇଯାଉଛି, ବଲିଉଡ ତାରକା ଶାହ ରୁଖ ଖାନ୍ ଯାଦୁକରୀ ଭାବରେ ଦୃଶ୍ୟମାନ ହେଉଛନ୍ତି ଏବଂ ତାଙ୍କୁ ପ୍ରସନ୍ନ କରିଦେଉଛନ୍ତି, ତାଙ୍କ କେଶର ଷ୍ଟାଇଲ କରୁଛନ୍ତି, ମେକ୍‌ଅପ ପ୍ରୟୋଗ କରୁଛନ୍ତି ଏବଂ ତାଙ୍କ ନଖଗୁଡିକର ପରିଚର୍ଯ୍ୟା କରୁଛନ୍ତି। ଏହା ତାଙ୍କର କେବଳ କଳ୍ପନା ଥିଲା ବୋଲି ହୃଦବୋଧ କରି ସେ ହସ ହସ ମୁହଁରେ ପ୍ରକୃତିସ୍ଥ ହେଉଛନ୍ତି ଏବଂ ନିକଟରେ ଅବାକ୍ ହୋଇ ବସିଥିବା ଜଣେ ବାଳିକାକୁ ଏକ କୁକି ଦେଉଛନ୍ତି। ଶାହ ରୁଖ ଖାନ୍‌ଙ୍କ ଭଏସ୍‌ଓଭର 'କ୍ରଞ୍ଚି କୁକି ମେଁ ମୋଲ୍‌ଟେନ୍ ଚକୋ' ଏକ ଆନନ୍ଦଦାୟକ ଅନୁଭୂତିର ଆଲୋକପାତ କରୁଛି। ଏସ୍‌ଆରକେଙ୍କ ଅଭିବ୍ୟକ୍ତି 'ପ୍ରତ୍ୟେକ ହୃଦୟର କଳ୍ପନା' ଏବଂ ସମାନ ସମୟରେ କୁକିଜ୍‌ର ଗୋଟିଏ ପ୍ୟାକ୍ ପ୍ରଦର୍ଶନ ଏହି ବ୍ୟବସାୟିକ ପ୍ରଚାର ଅଭିଯାନ ପରିସମାପ୍ତ ହେଉଛି। ଏହି ପ୍ରଚାର ଅଭିଯାନ ୮ ଟି ଭାଷା ରେ ପ୍ରଚଳନ କରାଯିବ ଏବଂ ଏହା ସମସ୍ତ ଡିଜିଟାଲ, ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ଟେଲିଭିଜନ ଚାନେଲଗୁଡିକରେ ପ୍ରସାରିତ ହେବ, ଯାହା ପୂର୍ଣ୍ଣାଙ୍ଗ ସର୍ବଭାରତୀୟ ସ୍ତରର ଗଣମାଧ୍ୟମ ଯୋଜନାର ଏକ ଅବିଚ୍ଛେଦ୍ୟ ଅଂଶ ହେବ। ପୁନଶ୍ଚ ଏହି ସହଯୋଗିତା ଆଗକୁ ବଢିବା ଏବଂ ବ୍ରାଣ୍ଡର ନୂତନ ଅଭିବ୍ୟକ୍ତିକୁ ନେଇ ସନ୍‌ଫିଷ୍ଟ ଡାର୍କ ଫାଣ୍ଟାସି ଖାଉଟିଙ୍କୁ କଳ୍ପନା ସହିତ ବାସ୍ତବତାର ମିଶ୍ରଣରେ ଏକ ଅତୁଳନୀୟ ଅନୁଭୂତି ଯୋଗାଇ ଦେଇ ସେମାନଙ୍କ ହୃଦୟରେ ଚିରସ୍ଥାୟୀ ସ୍ଥାନ ଅଧିକାର କରିବାକୁ ଯାଉଛି।ଉତ୍କଣ୍ଠାପୂର୍ଣ୍ଣ ପରିବେଶ ମଧ୍ୟରେ ବ୍ରାଣ୍ଡ୍ ଶାହ ରୁଖ ଖାନ୍ ଅଭୀନିତ ଏକ ମନମୋହକ ଟିଜର୍ ଉନ୍ମୋଚନ କରିଥିଲା, ଯାହା ପ୍ରଭାବୀ ବ୍ୟକ୍ତିତ୍ୱମାନଙ୍କ ଜରିଆରେ ହିନ୍ଦୀ, ତାମିଲ ଏବଂ ଅନ୍ୟ ବିବିଧ ଭାଷାରେ ଉପସ୍ଥାପନ କରାଯାଇଥିଲା। ଏହି ରଣକୌଶଳାତ୍ମକ ପ୍ରୟାସ କ୍ଷିପ୍ର ଗତିରେ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣକରିବା ସହିତ ବିସ୍ତାରିତ ଆଲୋଚନାକୁ ଉତ୍ସୁକାଇଥିଲା। ଟିଜର୍‌କୁ ନେଇ ସାମଗ୍ରିକ ଭାବରେ ବିବିଧ ସାମାଜିକ ଗଣମାଧ୍ୟମ ଚାନେଲଗୁଡିକରୁ ବେଶ୍ ପ୍ରଭାବୀ ମତାମତ ମିଳିଥିଲା, ଯାହା ପ୍ରଶଂସକମାନଙ୍କ ଦ୍ୱାରା ବିଭିନ୍ନ ପ୍ଲାଟଫର୍ମରେ ଆଗ୍ରହର ସହିତ ସେୟାର କରାଯିବା ପରେ ବହୁଗୁଣିତ ହୋଇଥିଲା।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତ୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ।ୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ। ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି। ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି। ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି। ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି। ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଳାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସ୍‌ୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହ ିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କ ିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେ ।ରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝର ଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ, ୧୨ନଂ ୱାର୍ଡରୁ ଜଣେ, ୧୩ନଂ ୱାର୍ଡରୁ ୨ଜଣ, ୧୭ନଂ ୱାର୍ଡରୁ ଜଣେ, ୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।






# ଆତ୍ମନିର୍ଭରଶୀଳ ଭାରତ ଗଠନ ଏବଂ ସ୍ୱାଧୀନତାଠାରୁ ସ୍ୱତନ୍ତ୍ରତା ପର୍ଯ୍ୟନ୍ତ ଅବଲୋକନ




ଭୁବନେଶ୍ୱର (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭାର ବୈଠକ ଗୁଜୁରାଟର ଅହମ୍ମଦାବାଦ ଠାରେ ମାର୍ଚ୍ଚ ୧୧ ଠାରୁ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିଲା। ଏଥିରେ ଆତ୍ମନିର୍ଭରଶୀଳ ଭାରତ ଗଠନର ପ୍ରଚେଷ୍ଟା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ଏହା ସହିତ ଅମୃତ ମହୋତ୍ସବ ଅବସରରେ ଆମ ଦେଶ ସ୍ୱାଧୀନତାଠାରୁ ସ୍ୱତନ୍ତ୍ରତା ପର୍ଯ୍ୟନ୍ତ ଚାଲି ଆସିଥିବା ଆନ୍ଦୋଳନ ସମ୍ବନ୍ଧରେ ବିଚାର କରିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଉଲ୍ଲେଖ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟ ସଂଘର ଓଡିଶା ପୂର୍ବପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ,ସଂଘର ପ୍ରତିନିଧି ସଭା ମତ ଦେଇଛନ୍ତି ଯେ, ଭାରତୀୟ ଅର୍ଥନୈତିକ ମଡେଲ-ମାନବକେନ୍ଦ୍ରିତ, ପର୍ଯ୍ୟାବରଣ ଅନୁକୁଳ, ଶ୍ରମପ୍ରଧାନ, ବିକେନ୍ଦ୍ରିକରଣ, ସୁଷମବଂଟନ, ଗ୍ରାମୀଣ ଅର୍ଥ ବ୍ୟବସ୍ଥା, ସୁକ୍ଷ୍ମ ଉଦ୍ୟୋଗ, ଲଘୁ ଉଦ୍ୟୋଗ,କୃଷି ଆଧାରିତ ଉଦ୍ୟୋଗ ଏବଂ ମହିଳା ରୋଜଗାର ଦ୍ୱାରା ସ୍ୱରୋଜଗାର ସୃଷ୍ଟିକରାଯାଇ ପାରିବ। ଏଥିପାଇଁ ସାମାଜିକ ପରିସ୍ଥିତି ଅନୁରୂପ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଚେଷ୍ଟା କରିବାକୁ ପଡିବ। ଏହି କାର୍ଯ୍ୟ ନିମିତ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସଂସ୍ଥା,ଶିଳ୍ପଉଦ୍ୟୋଗୀ ଓ ପ୍ରତିଭାବାନ ବ୍ୟକ୍ତିମାନଙ୍କର ପ୍ରଚେଷ୍ଟାର ଆବଶ୍ୟକତା ରହିଛି। ସ୍ୱଦେଶୀ ଏବଂ ସ୍ୱାବଲମ୍ବନ ବିଚାର ଆଧାରରେ ଅନେକ ଷ୍ଟାଟ-ଅପ୍ ତଥା ହସ୍ତଶିଳ୍ପ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଦ୍ୱାରା ଦେଶର ଯୁବଗୋଷ୍ଠୀ ରୋଜଗାରକ୍ଷମ ହୋଇପାରିବେ। ପ୍ରତିନିଧି ସଭା କହିଛନ୍ତି ଯେ, ଦେଶର ଦୁର୍ବଳ ଏବଂ ବଂଚିତ ସମାଜ ସହିତ ସମଗ୍ର ସମାଜରେ ରୋଜଗାର ସୃଷ୍ଟି କରୁଥିବା ସଫଳ କାହାଣୀକୁ ବିଚାର କରିବାକୁ ପଡିବ। ଏହି ବୈଠକରେ ସଂଘର ସରକାର୍ଯ୍ୟବାହ ଦତାତ୍ରେୟ ହୋସଓ୍ୱାଲେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ,ଆମ ଦେଶର ସ୍ୱାଧୀନତା ପ୍ରାପ୍ତି ପାଇଁ ଅନେକ ଶତାବ୍ଦି ଧରି ସଂର୍ଘଷ ଜାରି ରହିଥିଲା। ଏହାକେବଳ ରାଜନୈତିକ ସଂର୍ଘଷ ନଥିଲା, ବରଂ ଏକ ସାମାଜିକ-ସାଂସ୍କୃତିକ ଆନ୍ଦୋଳନ ଥିଲା। ବ୍ରିଟିଶ ସରକାର ଆମର ସ୍ୱଦେଶୀ ଅର୍ଥନୀତି,ରାଜନୈତିକ ବ୍ୟବସ୍ଥା, ବିଶ୍ୱାସ ଏବଂ ଶିକ୍ଷାବ୍ୟବସ୍ଥା ଉପରେ ଆକ୍ରମଣ କରିଥିଲେ। ଦେଶକୁ ଏଥିରୁ ରକ୍ଷା କରିବା ପାଇଁ ଯେଉଁ ଜାତୀୟ ଆନ୍ଦୋଳନ ହୋଇଥିଲା ସେଥିରେ ସଂଘର ସ୍ୱୟଂସେବକମାନେ ଡକ୍ଟର ହେଡଗେଓ୍ୱାରଙ୍କ ନେତୃତ୍ୱରେ ବହୁପରିମାଣରେ ଯୋଗଦେଇଥିଲେ। ଏହି ଆନ୍ଦୋଳନରେ ଆମ ଜ୍ଞାତସାରରେ ଏବଂ ଅଜ୍ଞାତରେ ଅନେକ ବୀରପୁରୁଷ ଭାଗନେଇଥିଲେ। ସମଗ୍ର ଭାରତୀୟ ସମାଜ ହେଉଛି ଗୋଟିଏ ଜାତି, ଏହି ବିଚାର ଆମକୁ ୭୫ତମ ସ୍ୱାଧୀନତା ବା ଅମୃତ ମହୋତ୍ସବ ଅବସରରେ ଦେଶର ସମସ୍ତ ନାଗରିକମାନଙ୍କ ପାଖରେ ପହଁଚାଇବାକୁ ପଡିବ। ଏଥିପାଇଁ ଆତ୍ମନିର୍ଭର ସଂକଳ୍ପ ସହିତ ଭାରତ କେନ୍ଦ୍ରିତ ଶିକ୍ଷାନୀତିକୁ କ୍ରିୟାନ୍ୱୟନ କରିବାକୁ ପଡିବ। ଏହି ବୈଠକରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ସମଗ୍ର ଦେଶରେ ସଂଘର ୮୧,୬୧୦ଟି ଶାଖା ଲାଗୁଛି। ତନ୍ମଧ୍ୟରୁ ଓଡିଶାରେ ୧୮୭୬ଟି ଶାଖା ଚାଲୁଅଛି। ଓଡିଶାରୁ ୪୭ଜଣ ସହିତ ସମଗ୍ର ଦେଶରୁ ୧୨୧୧ ଜଣ ପ୍ରତିନିଧି ଏଥିରେ ଭାଗ ନେଇଥିଲେ। ବୈଠକ ଆରମ୍ଭରେ ଗତବର୍ଷ ମୃତ୍ୟୁବରଣ କରିଥିବା ରାଜ୍ୟ ତଥା ଦେଶର ଅନେକ ବ୍ୟକ୍ତିମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା, ଯେଉଁଥିରେ କି ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ସ୍ୱର ସାମ୍ରାଜ୍ଞୀ ସୁଶ୍ରୀ ଲତା ମଂଗେସକର ଏବଂ ଓଡିଶାର ସିନେ କଳାକାର ମିହିର ଦାସ, ସଙ୍ଗୀତଜ୍ଞ ଡ. ଦାମୋଦର ହୋତା, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବକ୍ଷେତ୍ରର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ରଙ୍କ ସହିତ ପ୍ରାନ୍ତର ସହପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

# ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟରେ ପୁରାଣ ଯୁଗରୁ ଅଦ୍ୟାବଧି ମହିଳାମାନେ ସବୁ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରି ନିଜର ମହନୀୟତା ବୃଦ୍ଧି କରିଛନ୍ତି। ସ୍ନେହ, ମମତା ବା ି ନିଜର ପରିବାର ସହିତ ପ୍ରତି କ୍ଷେତ୍ରରେ ମହିଳାମାନେ ଅଗ୍ରଭାଗରେ ରହିଛନ୍ତି। ଜଣେ ଭଉଣୀ, ମାଆ, ପତ୍ନୀ ଭାବରେ ନିଜର ସମର୍ପିତ କାର୍ଯ୍ୟ ଯୋଗୁଁ ମହିଳାମାନେ ଚିରନମସ୍ୟ ବୋଲି ପରିପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଶାସନ ସଚିବ ଶୁଭସ୍ମିତା ପ୍ରଧାନ, ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଙ୍ଘମିତ୍ରା ସାହୁ, କୁକୁମିନା ଦାସ, ସଳିତା ପାତ୍ର, ମଞ୍ଜୁରାଣୀ ମୁଦୁଲି, ରୁଦ୍ର ପ୍ରସାଦ ବେହେରା, ପଦ୍ମନାଭ ଜେନା, ବିଦ୍ୟାଧର ପଣ୍ଡା, କର୍ଣ୍ଣମଣି ବିଶ୍ୱାଳ, ଭିକାରୀ ଚରଣ ସାହୁଙ୍କ ସହିତ ସମସ୍ତ କର୍ମଚାରୀ ଆଲୋଚନାରେ ଭାଗ ନେଇ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ପରେ ସମସ୍ତ ମହିଳା କର୍ମଚାରୀମାନଙ୍କୁ ଉ ରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବେନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ମହିଳା କର୍ମଚାରୀମାନେ ସଙ୍ଗୀତ ପରିବେଷଣ କରିଥିଲେ।

## ଜିଲ୍ଲାରେ ପୌର ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ନିଯୁକ୍ତ

ବାଲେଶ୍ୱର (ପିଏନ୍)- ପୌର ନିର୍ବାଚନ-୨୦୨୨ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ୫ଟି ସହରାଂଚଳ ପାଇଁ ବରିଷ୍ଠ ପ୍ରଶାସକ ଆଇଏଏସ ଅଧିକାରୀ ଶ୍ରୀ ଜ୍ୟୋତି କୁମାର ଲାକ୍ରା (ମୋ-୯୯୩୮୬୩୫୯୫୫) ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଜିଲ୍ଲାର ୩ଟି ପୌରାଂଚଳ ବାଲେଶ୍ୱର, ଜଳେଶ୍ୱର, ସୋର ଏବଂ ୨ଟି ଅଧିସୂଚିତ କ୍ଷେତ୍ର ପରିଷଦ ନୀଳଗିରି ଓ ରେମୁଣାରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଲାକ୍ରା ଜିଲ୍ଲାର ଏହି ୫ଟି ସହରାଂଚଳ ଗସ୍ତ କରି ନିର୍ବାଚନ ପରିଚାଳନା,ଆଚରଣ ବିଧି, ସଭାସମିତି, ନିର୍ବାଚନୀ କଟକଣା, ମାର୍ଗଦର୍ଶିକାର ଅନୁପାଳନ ଇତ୍ୟାଦି ଉପରେ ନଜର ରଖିବା ସହିତ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରିବେ। ଏତଦ୍ ବ୍ୟତୀତ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗର ସମାଧାନ ସହ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ।

## ଦୂର ହେଉ ଲିଙ୍ଗଗତ ବୈଷମ୍ୟ!

ଖୋର୍ଦ୍ଧା (ପିଏନ୍)- ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ମହିଳା ଦିବସ ବକ୍ସି ଜଗବଂଧୁ ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଂପାଦିକା ଇତିଶ୍ରୀ ସାହୁ ପ୍ରାରଂଭିକ ସୂଚନା ଦେଇ କହିଥିଲେ ଯେ, ସ୍ୱାଧୀନତାର ୭୫ ବର୍ଷପରେ ମଧ୍ୟ କନ୍ୟାଭ୍ରୁଣ ହତ୍ୟା, ନାରୀ ନିର୍ଯ୍ୟାତନା ଆଦି ଲାଗି ରହିଥିବାରୁ ବିଶ୍ୱ ମହିଳା ଦିବସ ପାଳନର ଯଥାର୍ଥତା ରହିଛି। ସେ ପୂର୍ବସଭାର ବିବରଣୀ ପାଠ କରିବା ସହ ନାରୀମାନଙ୍କ ପ୍ରତିଭାକୁ ଆମକୁ ସ୍ୱୀକାର କରିବାକୁ ପଡିବ ବୋଲି କହିଥିଲେ। ଗାଳ୍ପିକା ଜ୍ୟୋତିପ୍ରଭା ପଟ୍ଟନାୟକ ପୁରୁଷ ଓ ନାରୀ ମଧ୍ୟରେ ଥିବା ଲିଙ୍ଗଗତ



ବୈଷମ୍ୟ ଦୂରକରିବାକୁ ଆହ୍ୱାନ ଦେଇଥିଲେ। ମା'ମାନଙ୍କ ଭୂମିକା ଉପରେ ପ୍ରାବନ୍ଧିକ ସମରେନ୍ଦ୍ର ବଳିଆରସିଂହ ଏବଂ ନାରୀମାନଙ୍କ ସହନଶୀଳତା ଓ ପାରଦର୍ଶିତା ଉପରେ ସମାଜସେବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ ବୁଝାଇଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରମୋଦା ମହାନ୍ତି, ଡ. ଚପଳା କୁମାରୀ ପଣ୍ଡା, ଡ. ବୃନ୍ଦାବନ ପଣ୍ଡା, ସ୍ୱପ୍ନାମୟୀ ସାହୁ, ଶାନ୍ତିଲତା ଦେବୀ, ପ୍ରେମଲତା ପୃଷ୍ଟି, କ୍ରିତିକା ପୃଷ୍ଟି, ସ୍ନିଗ୍ଧାମୟୀ ପଟ୍ଟନାୟକ, ସାରଳା ପୃଷ୍ଟି, ସ୍ୱପ୍ନା ପଟ୍ଟନାୟକ, ବିଦ୍ୟାଧର ରାୟ, ଦୀପକ କୁମାର ପଟ୍ଟନାୟକ, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ନମିତା ଟୁଡୁ ପ୍ରମୁଖ ମହିଳା ଦିବସ ସମ୍ପର୍କରେ କବିତା ପାଠ ସହିତ ବକ୍ତବ୍ୟ ଦେଇଥିଲେ। ପରଲୋକ ଗମନ କରିଥିବା କଂଟାବାଡ଼ର ଧୁଡୁକି କଳାକାର ରମେଶ ଚନ୍ଦ୍ର ମହାପାତ୍ର ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିରଂଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜନସେବା କାର୍ଯ୍ୟକ୍ରମ



ଭୁବନେଶ୍ୱର (ପିଏନ୍): ବିଶ୍ୱ ମହିଳା ଦିବସ ଅବସରରେ ଉତ୍କଳ ବୁଲେଟିନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି। ଏହା ସକାଳ ୯ଟାରେ ଭୁବନେଶ୍ୱରସ୍ଥିତ ବମିଖାଲ ଲେବୁଲ କ୍ରସିଂ ବସ୍ତିଠାରେ ଆୟୋଜିତ ହୋଇଥିଲା। ବସ୍ତିରେ ଥିବା ସମସ୍ତ ଲୋକମାନଙ୍କୁ କୋଭିଡ ଉପରେ ସଚେତନ କରାଇବା ସହିତ ଲୋକମାନଙ୍କୁ ମାସ୍କ ଏବଂ ଶୁଖିଲା ଖାଦ୍ୟ ବ ନ କରାଯାଇଥିଲା। ବ ର୍ମାନ ପରିସ୍ଥିତିରେ କୋଭିଡ ମହାମାରୀ ସଂପୂର୍ଣ୍ଣ ଭାବେ ପୃଥିବୀରୁ ଯାଇନଥିବାରୁ ଆମେ ଆଗକୁ ଆହୁରି ସଚେତନ ହେବା ଲାଗି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଥିବା ସମସ୍ତ ବସ୍ତିବାସିନ୍ଦାଙ୍କୁ ଟ୍ରଷ୍ଟର କର୍ମଚାରୀ ତଥା ମୁଖ୍ୟ ଅତିଥି ସଚେତନତାର ବା ର୍। ଦେଇଥିଲେ। ସର୍ବଦା ମୁହଁରେ ମାସ୍କ ପିନ୍ଧିବା ଦ୍ୱାରା ବାୟୁମଣ୍ଡଳର ଦୂଷିତ ଧୂଳିକଣା ଆମ ଶରୀର ଭିତରକୁ ସିଧା ସଳଖ ପ୍ରବେଶ କରିପାରିନଥାଏ ଏବଂ କରୋନା ମହାମାରୀ ସହ ଅନ୍ୟ ବାୟୁମଣ୍ଡଳଜନିତ ସଂକ୍ରମଣରୁ ରକ୍ଷା କରାଯାଇପାରିଥାଏ। ସମସ୍ତେ ମାସ୍କ ପିନ୍ଧନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବା ର୍। ଦେବା ସହ ଛୋଟ ଛୋଟ ପିଲାମାନଙ୍କୁ ମଧ୍ୟ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ପରିବାର ଲୋକଙ୍କୁ ସଚେତନ ରଖିବାକୁ ଅତିଥିମାନେ କହିଥିଲେ। ଟ୍ରଷ୍ଟର ସଦସ୍ୟା ତିଲୋତମା ସାହୁ, ଚନ୍ଦନା ମହାନ୍ତି, ପ୍ରିୟଙ୍କା ଲେଙ୍କା, ଇଜି, ଲୁସି କେଇ, ଶ୍ରଦ୍ଧାଳି ମିଶ୍ର, ମୋନାଲିସା ଦାସ, ପୂଜା ବେହେରା, ସଦସ୍ୟ ସଂଜୟ କୁମାର ବେହେରା, ଅଖିଳ ସୁନ୍ଦରାୟ, ଦିଲ୍ଲୀପ କୁମାର ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରିୟବ୍ରତ ବାରିକ।

## ସବୁଜ ଭାରତ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ଭୁବନେଶ୍ୱର (ପିଏନ୍): ସବୁଜ ଭାରତ ତରଫରୁ ସତ୍ୟଭାମାଦେବୀ କଲେଜ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଶାସକ ରବିନାରାୟଣ ନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବିକାଶ ଦାଶ, ଆସ ପଢାଇବାର ଜାତୀୟ ଆବାହକ ପ୍ରତ୍ୟୟ ପ୍ରଶାନ୍ତ, ସତ୍ୟଭାମା କଲେଜର ଅଧକ୍ଷା ସଂଘମିତ୍ରା ମହାପାତ୍ର ପ୍ରମୁଖ ଯୋଗଦେଇ ପାଲା ଗାୟିକା ସୁଶ୍ରୀ ସୁଧାବର୍ଷି ସୁକାନ୍ତି ମାଝୀ, ଓଡ଼ିଶୀ ନୃତ୍ୟାଙ୍ଗନା ସୁଶ୍ରୀ ବିପ ୍ ଦାସ ପ୍ରମୁଖ ଯୋଗ ଦେଇ ମହିଳା ସଶକ୍ତିକରଣ ଏବଂ ଆନ୍ତର୍ଜାତିକ ମହିଳା ଦିବସ ଉପରେ ଆଲୋକପାତ କରିଥିଲେ। ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ପାଲା ଗାୟିକା ସୁଶ୍ରୀ ସୁଧାବର୍ଷି ସୁକାନ୍ତ ମାଝୀ, ଓଡ଼ିଶୀ ନୃତ୍ୟାଙ୍ଗନା ସୁଶ୍ରୀ ବିପ ୍ ଦାସ, ସମାଜସେବୀ ରାଜେଶ୍ୱରୀ ବାଗ, ସମାଜସେବୀ ସୁଲତା ଜେନା, ସମାଜସେବୀ ମନିକା ବାଗ, ଅଧ୍ୟାପିକା ଶ୍ରୀମତୀ ପ୍ରସନ୍ନା ଦାସ, ସମାଜସେବୀ ଶ୍ରୀମତୀ ମାନସୀ ଶତପଥୀ ଓ ସାଇକୃପା ଏସ.ଏଚ୍.ଜି. ଗ୍ରୁପ୍‌କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କଳ୍ପତରୁ ସେନାପତି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥିଲେ ନୀଳକଣ୍ଠ ଦାସ, ହରେଶ ବାଗ, କରଣ ଦୁର୍ଗା, ଗୌତମ ସାହୁ ସୌରଭ ମହାପ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ହରପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସାମନ୍ତରାପୁର ସ୍କୁଲରେ ଆନ୍ତର୍ଜାତିକ ମହିଳା ଦିବସ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସାମନ୍ତରାପୁର ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟରେ ଆମରି ସତ୍ୟ ଓ ଉ.ପ୍ରା ବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ ଆନ୍ତର୍ଜାତିକ ମହିଳା ଦିବସ ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆମରି ସତ୍ୟର ପ୍ରତିଷ୍ଠାତା ଡ଼. ପ୍ରମୋଦ ଚନ୍ଦ୍ର ଦାଶ ଦିବସର ତାତ୍ପର୍ଯ୍ୟ ଉପରେ ଏକ ତଥ୍ୟମୂଳକ ବିବରଣୀ ପ୍ରଦାନ କରିଥିଲେ। ଆମରି ସତ୍ୟର ସମ୍ପାଦକ ଡ଼. ପ୍ରସନ୍ନ କୁମାର ଜେନା ସମାଜର ମଙ୍ଗଳ ସାଧନ ପାଇଁ ଉଭୟ ପୁରୁଷ ଓ ମହିଳାଙ୍କର ସମାନ ଅଧିକାର ରହିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର୍ ଡ଼. ଶରଚ୍ଚନ୍ଦ୍ର ମହାପାତ୍ର ପ୍ରାଚୀନ କାଳରୁ ଶକ୍ତି, ବିଦ୍ୟା ଓ ଧନର ଦେବୀ ରୂପେ ଯଥାକ୍ରମେ ଦୁର୍ଗା, ସରସ୍ୱତୀ ଓ ଲକ୍ଷ୍ମୀଙ୍କୁ ଗ୍ରହଣ କରାଯାଇ ନାରୀଶକ୍ତିକୁ ପ୍ରାଧାନ୍ୟ ଦିଆ ହୋଇଆସିଛି ବୋଲି ମତ ଦେଇଥିଲେ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, କବି ସମରଜିତ୍ ପଟ୍ଟନାୟକ, କାଶୀନାଥ ଦାଶ, ଆଦି ନାରାୟଣ ଖଣ୍ଡୁଆଳ, ପ୍ରମୁଖ ବିଭିନ୍ନ ଦିଗରୁ ମହିଳା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ପକ୍ଷରୁ ଦିବସର ତାତ୍ପର୍ଯ୍ୟ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନମିତା ରାଣୀ ରାୟ ସାମନ୍ତ ଧନ୍ୟବାଦ ଦେଇଥିଲେ।

# ବିଜୁ ମହିଳା ଜନତା ଦଳ ପକ୍ଷରୁ ଆର୍ନ୍ତଜାତୀୟ ମହିଳା ଦିବସ ସମାରୋହ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବିଜୁ ମହିଳା ଜନତାଦଳ ପକ୍ଷରୁ ସ୍ଥାନୀୟ ଗରାପୁର ଡାକବଙ୍ଗଳା ପରିସରରେ ଆର୍ନ୍ତଜାତୀୟ ମହିଳା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସୁମିତ୍ରା ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ମହିଳାମାନଙ୍କ ପାଇଁ ସମାନତା ଅଧିକାର, ସମ୍ମାନ, ସ୍ୱାଧିନତା ରହିବା ଆବଶ୍ୟକ। ତାହା ହେଲେ ସମାଜ ପାଇଁ ମହିଳାମାନଙ୍କର ଯେଉଁ ଉପଯୋଗ ହେବ ତାହା ସଫଳ ହୋଇପାରିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହି ସମାରୋହରେ ନବନିର୍ବାଚିତ ୬ନଂ ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ୫ନଂ ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ, ମହିଳାନେତ୍ରୀ ସରିତା ସାହୁ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋସ୍ନା ସାହୁ, କପାଳେଶ୍ୱର ସରପ ଗାୟତ୍ରୀ ମହାନ୍ତି, ନାହିଦ୍ ଅକ୍ତର, ଅକ୍ତରି ଖାତୁନ, ହବିବା ବେଗମ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ପ୍ରମୁଖ ମହିଳାନେତ୍ରୀମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଜନକଲ୍ୟାଣକାରୀ ଯୋଜନା ଓ ମହିଳା ସଶକ୍ତିକରଣ ଯୋଜନା ଯୋଗୁଁ ମହିଳାମାନେ ସ୍ୱାବଲମ୍ବି ହେବା ସହ ସେମାନଙ୍କ ପରିବାର ଆର୍ଥିକ ସ୍ୱଚ୍ଛଳ ହୋଇପାରିଛି ଏବଂ ସମାଜର ଉନ୍ନତି ସମ୍ଭବ ହୋଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଅଶୋକ ବରାଳ, ରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନଗର ବିଜେଡି ମହିଳା ସଭାନେତ୍ରୀ ସ୍ୱୟଂପ୍ରଭା କର ଧନ୍ୟବାଦ ଅର୍ପଣ କରିଥିଲେ।

## ୬ନମ୍ବର ୱାର୍ଡରେ ଗୌ ମଙ୍କୁ ନେଇ ଚର୍ଚ୍ଚା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା ଳର ୬ନମ୍ବର ୱାର୍ଡରେ ଯୁବନେତା ଗୌ ମ ସ୍ୱାଇଁ(ଗୁରିଆ)ଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଜୁ ଜନତା ଦଳର ଯୁବନେତା ଭାବେ ପରିଚିତ ଗୌ ମ ଦୀର୍ଘଦିନ ଧରି ଦଳର ସଂଗଠନକୁ ମଜଭୁତ କରିବା ସହ ବିଭିନ୍ନ ସମୟରେ ଲୋକମାନଙ୍କୁ ସହଯୋଗ ଓ ସହାୟତା ଯୋଗାଇ ଦେଇଆସୁଛନ୍ତି। ରୋଗୀଙ୍କୁ ଡାକ୍ତରଖାନାରେ ପହ ାଇବା ଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ରକ୍ତଦାନ ଶିବିରର ଆୟୋଜନ କରି ଡାକ୍ତରଖାନାରେ ରକ୍ତର ଆବଶ୍ୟକତାକୁ ପୂରଣ କରିବାକୁ ଚେଷ୍ଟା କରିଥାନ୍ତି ସେ। ଗରିବ ଓ ଅସହାୟ ଜନତାଙ୍କ ସେବାକୁ ପ୍ରାଥମିକତା ଦେଇ ଆସିଛନ୍ତି ଗୌ ମ। ଯୁବନେତା ଗୌ ମ ନିଜ ସମର୍ଥକ ମାନଙ୍କୁ ନେଇ ୬ନମ୍ବର ୱାର୍ଡର ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟ ଚଳାଇଛନ୍ତି।

## କେନ୍ଦ୍ରାପଡା ନଗରପାଳ ପ୍ରାର୍ଥିନୀ ସରିତା ସାହୁଙ୍କୁ ସ୍ୱାଗତ କଲେ ଆଇନଜୀବୀ ଓ ବୁଦ୍ଧିଜୀବୀ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା ଳ ନିର୍ବାଚନରେ ବିଜୁ ଜନତା ଦଳ ପକ୍ଷରୁ ନଗରପାଳ ପ୍ରାର୍ଥୀନୀ ଭାବେ ସରିତା ସାହୁଙ୍କୁ ଘୋଷଣା କରାଯାଇଛି। ଶ୍ରୀମତୀ ସାହୁଙ୍କୁ ଆଇନଜୀବୀ ଓ ବୁଦ୍ଧିଜୀବୀ ମାନେ ସ୍ୱାଗତ କରିଛନ୍ତି। ଏଥି ସହିତ ପଟ୍ଟାମୁଣ୍ଡାଇ ପୌରା ଳ ପାଇଁ ନଗରପାଳ ପ୍ରାର୍ଥୀ ଭାବେ ବିଜେଡି ପକ୍ଷରୁ ହେମନ୍ତ କୁମାର ସାହୁଙ୍କୁ ଘୋଷଣା କରାଯାଇଥିବାରୁ ତାଙ୍କୁ ମଧ୍ୟ ସ୍ୱାଗତ କରାଯାଇଛି। ଆସନ୍ତା ପୌର ନିର୍ବାଚନରେ ନଗରପାଳ ପଦବୀ ପାଇଁ ସିଧା ସଳଖ ପ୍ରତିଦ୍ୱନ୍ଦିତା ଅନୁଷ୍ଠିତ ହେବ। ଶ୍ରୀମତୀ ସାହୁ ଜଣେ ସମାଜସେବୀ,ସୁଗୃହିଣୀ, ମିଷ୍ଟ ଭାଷି ମହିଳା ହୋଇଥିବାରୁ ପୌରା ଳର ସମସ୍ତ ଭୋଟର ଭାଇ ଓ ଭଉଣୀ ମାନେ ଶ୍ରୀମତୀ ସାହୁଙ୍କୁ ଏବଂ ପଟ୍ଟାମୁଣ୍ଡାଇ ପୌରପାଳିକାର ନଗରପାଳ ପ୍ରାର୍ଥୀ ଶ୍ରୀ ସାହୁଙ୍କୁ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରିବାକୁ ଆଇନଜୀବୀ ଓ ବୁଦ୍ଧିଜୀବୀମାନେ ନିବେଦନ କରିଛନ୍ତି। ରାଜ୍ୟ ବିଜେଡି ଲିଗାଲଫ୍ରଂଟ ସଦସ୍ୟ ସଞ୍ଜୟ କୁମାର ଜେନାଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା,ନିରଞ୍ଜନ ବଳ, ସେକ ଅଜିମୁଦ୍ଦିନ, ରବିନ୍ଦ୍ର ଦାସ, ଅରୁଣ ପ୍ରସାଦ ଦାସ, ଇତିହାସ ଲେଙ୍କା, ବ୍ରଜ ସୁନ୍ଦର ରାଉତ , ମାନସ ରଂଜନ ଧଳ, ରଂଜନ କୁମାର ପଣ୍ଡା, ବିଚିତ୍ରା ନନ୍ଦ ବାରିକ, ହାଡିବନ୍ଧୁ ସିଂ, ଶାନ୍ତି ସ୍ୱରୂପ ଭୂୟାଁ, ମନୋଜ ସାହୁ, ମାନସ ମହାନ୍ତି, ସୁବାଷ ମିଶ୍ର, ସୁରେଶ ନାୟକ, ରମାକାନ୍ତ ସ୍ୱାଇଁ, ରେଣୁବାଳା ସାମଲ, ଦୀପକ ପ୍ରଧାନ, ଧିରେନ୍ଦ୍ର ଦାସ, ସତ୍ୟବ୍ରତ ସିଂ, ଅକ୍ଷୟପ୍ରିୟ ଦାସ, ସେକ ୟୁସୁଫ ପ୍ରମୁଖ ଆଇନଜୀବୀ ଓ ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Thursday August 17, 2023 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୧୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# କିଟ୍ ଓ କିସ୍‌ରେ ସ୍ୱାଧୀନତା ଦିବସ



ଭୁବନେଶ୍ୱର,(ପି.ଏନ): କିଟ୍, କିସ, କିମ୍‌ସ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ମଙ୍ଗଳବାର ୭୭ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କିସ୍‌ରେ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟନା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସନ୍ଦୀପ କୁମାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଜଷ୍ଟିସ୍ କୁମାର କହିଲେ, ସମାଜର ଦୁର୍ବଳ ବର୍ଗ ତଥା ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଜରିଆରେ ସେମାନଙ୍କର ବିକାଶ ସହ ଦେଶର ବିକାଶ ହୋଇପାରିବ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଯେଉଁ ଭଲ କାମ କରାଯାଉଛି ସେଥିପାଇଁ ଆଜି କିସ୍ ସମଗ୍ର ବିଶ୍ୱରେ ଆଦରଲାଭ କରିପାରିଛି। ପ୍ରତିଷ୍ଠାତା ଶ୍ରୀ ସାମନ୍ତ କହିଲେ, ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ତାଙ୍କ ଭାଷଣରେ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଥିଲେ। କିଟ୍ ଓ କିସ୍ ମାଧ୍ୟମରେ ଆମେ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି କାର୍ଯ୍ୟ କରିଆସୁଛୁ। ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷା ଲାଭ କରିପାରିଲେ ସ୍ୱାଧୀନତାର ମୂଲ୍ୟ ବୁଝିପାରିବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସମ୍ପାଦକ ଆର ଏନ୍ ଦାଶ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ପ୍ୟାରେଡ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଠାରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ବହୁ ଅଧ୍ୟାପକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କିମ୍‌ସରେ ଉପକୁଳପତି ଡା. ସିବିକେ ମହାନ୍ତି ପତାକା ଉତ୍ତୋଳନ କରିଥିବା ବେଳେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ପତାକା ଉତ୍ତୋଳନ କରିଥିଲେ।

## ଓଡିଶା ଆଦର୍ଶ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ

ବାରିପଦା,(ପି.ଏନ): ଓଡିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳ ଠାରେ ୭୭ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ପବିତ୍ର ଦିବସରେ ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ହାତରେ ତ୍ରିରଙ୍ଗା ପତାକା ଧରି ଦେଶଭକ୍ତିର ନାରା ଦେଇ ଗାଁ ରାସ୍ତାରେ ଚାଲି ଚାଲି ପ୍ରଭାତ ଫେରି କରି ବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ର ଅଧ୍ୟକ୍ଷ ବିଭୁତି ଭୂଷଣ ମଣ୍ଡଳ, ଏବଂ ସମ୍ମାନିତ ଅତିଥି ଭାବେ ଯୁବ ନେତା ତଥା ସମାଜସେବୀ ଇଂ ଶିରିଷ ହେମ୍ବ୍ରମ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ପେରେଡ ରେ ଅଭିବାଦନ ଗ୍ରହଣ କରିଥିଲେ । ପରେପରେ ଆୟୋଜିତ ସଭାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନକୁ ସ୍ମରଣ କରି ତାଙ୍କ ପ୍ରଦର୍ଶିତ ପଥ ଅନୁଶରଣ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ. ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶଭକ୍ତି ଉପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବୁଢାବଳଙ୍ଗରେ ଆନିକଟ ନିର୍ମାଣ ପାଇଁ ଆଦିମ କୁଡୁମି ମହାସଂଘର ଦାବି



ବାରିପଦା,(ପି.ଏନ): ଆଦିମ କୁଡୁମି ମହାସଂଘର ସଭାପତି ଶ୍ରୀ ପଦ୍ମଲୋଚନ ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀଯୁକ୍ତ ବିଶେଶ୍ୱର ଟୁଡୁଙ୍କୁ ସାକ୍ଷାତ କରି ତିନି ଦଫା ଦାବୀ ସମ୍ୱଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ସାମୁହିକ ସ୍ୱାର୍ଥ ସମ୍ୱଳିତ କେତେକ ଦାବୀ ଏହି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରଥମରେ ବାରୁଣୀ ଘାଟ ଠାରେ ବୁଢାବଳଙ୍ଗ ନଦୀ ଉପରେ କଟକ ମହାନଦୀପରି ଏକ ଆନିକଟ ବା ବ୍ୟାରେଜ ନିର୍ମାଣ ପାଇଁ ଦାବୀ କରାଯାଇଛି। ଏହା ନିର୍ମାଣ ହେଲେ ଯାତାୟତରେ ସୁବିଧା, ଜଳସେଚନ, ମତ୍ସ୍ୟ ଉତ୍ପାଦନ, ସହରକୁ ଜଳଯୋଗାଣ, ନୌବିହାର, ଭୂତଳ ଜଳସ୍ତର ବୃଦ୍ଧି ପ୍ରଭୃତିର ଲାଭ ମିଳିପାରିବ। ଦ୍ୱିତୀୟରେ ନୁରୁଡିହି ଛକଠାରୁ ବାରୁଣୀ ଘାଟ ଦେଇ ଷ୍ଟେସନ ବଜାର ପର୍ଯ୍ୟନ୍ତ ରାସ୍ତାର ସଂଯୋଗୀ କରଣ ପାଇଁ ଦାବୀ କରାଯାଇଛି। ତୃତୀୟରେ ବାରିପଦା ସହର ମଧ୍ୟ ଦେଇ ଯାଉଥିବା ଶାଖାନଦୀ ଗୁଡିକରେ ଯେଉଁ ନାଳନର୍ଦ୍ଦମା ଓ ଗୃହଗୁଡିକର ବର୍ଜଜଳ ଯାଇ ନଦୀରେ ମିଶୁଛି ସେଗୁଡ଼ିକ ବିଶୋଧନ କରି ନଦୀକୁ ଛଡାଯିବା ଓ ଏଥିପାଇଁ ବିଶୋଧନ ଟ୍ୟାଙ୍କମାନ ସ୍ଥାପନ କରାଯିବା ପାଇଁ ଦାବୀ କରାଯାଇଛି। ସ୍ମାରକ ପତ୍ର ଦେବା କାଳରେ ଏଗୁଡିକର ଆବଶ୍ୟକତାକୁ ମନ୍ତ୍ରୀ ମହୋଦୟ ସ୍ୱୀକାର କରିଥିଲେ ଓ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

## ବିଜେପି ତରଫରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ବିଜେପି ତରଫରୁ ୭୭ତମ ସ୍ୱାଧିନତା ଦିବସ ପାଳନ ଓ ଅମୃତ ମହୋତ୍ସବ ଉପଲକ୍ଷେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଏକ ବିରାଟ ମଟର ସାଇକେଲ ତ୍ରିରଙ୍ଗା ଶୋଭାଯାତ୍ରା ଇଛାପୁର ରଥଦାଣ୍ଡ ପଡିଆରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ କେନ୍ଦ୍ରାପଡା ସହର ପରିକ୍ରମା କରିଥିଲେ। କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଦ୍ୱାରା ଆୟୋଜିତ ଏହି ଶୋଭାଯାତ୍ରାରେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନାକର ବେହେରା, ଉପୀନ ରାଉତ, ଡ଼ଃ କଳ୍ପନା ମଲିକ, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ଜିଲ୍ଲା ସଂପାଦକ ଅମିତାଭ ସୁଆର, ବିକ୍ରମାଦିତ୍ୟ ସାହୁ, ମଣ୍ଡଳ ସଭାପତି ଉମାକାନ୍ତ ନାୟକ, ଦୟାନିଧି ବଳ, ମଦନ ମୋହନ ବେହେରା ପ୍ରମୁଖ ଉପସ୍ଥିତ ରହି ତିନିମୁହାଣୀରେ ପହଁଚିବା ପରେ ଶୋଭାଯାତ୍ରାଟି ସମାପ୍ତ ହୋଇଥିଲା। ଏହାପରେ ଦେଶ ବିଭାଜନ ର ବିଭିଷିକା ସ୍ମୃତିରେ ଏକ ନୀରବ ମହମବତୀ ଶୋଭାଯାତ୍ରା ନୂଆ ବସଷ୍ଟାଣ୍ଡ ଠାରୁ ଦୁହୁରିଆ ପର୍ଯ୍ୟନ୍ତ ଯାଇଥିଲା।

# ଶଙ୍ଖାଭଙ୍ଗାରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ବାରିପଦା,(ପି.ଏନ): ବାରିପଦା ବ୍ଲକ ଅନ୍ତର୍ଗତ ଶଙ୍ଖାଭଙ୍ଗା ଖେଳ ପଡ଼ିଆ ଠାରେ ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କ୍ଲବ ଆନୁକୂଲ୍ୟରେ ୩୩ ତମ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣମେଣ୍ଟରେ ମୟୂରଭଞ୍ଜ ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲା ଓ ପୋଡଶୀ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟରୁ ମୋଟ ୧୬ ଗୋଟି ଟିମ ଅଂଶ ଗ୍ରହଣ କରିଥିବା ବେଳେ, ମୁସଲିମ ଏଣ୍ଡ ମୁସଲିମ ଫୁଟବଲ କ୍ଲବ ଚମ୍ପିୟନ, ମୟୁରଭଞ୍ଜ ଟାଇଗର କାକା ପୁତୁରା ଟିମ ରନର୍ସଅପ ଏବଂ ପନିରପିୟ ଫୁଟବଲ କ୍ଲବ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାର ଜଣାଯାଇଛି. ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଖଚାଖଚ ଭିଡ ପରିଲକ୍ଷିତ ହୋଇଥିଲା. ପଣ୍ଡିତ ରଘୁନାଥ ମୁର୍ମୁ ମେମୋରିଆଲ କ୍ଲବର ସଭାପତି ରମାକାନ୍ତ ସୋରେନ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ଇଂ ଶିରିଷ ହେମ୍ବ୍ରମ ଯୋଗ ଦେଇ କ୍ରୀଡା ଏବଂ ସଂସ୍କୃତି ସମାଜରେ ଭାଇଚାରାର ପରମ୍ପରାକୁ ମଜଭୁତ କରିଥାଏ ବୋଲି କହିଥିଲେ. ପରେ ପରେ ପୁରସ୍କାର ପ୍ରଦାନ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ଼. ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ୩୦ ନଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେନ୍ଦ୍ର ହାଁସଦା ପ୍ରମୁଖ ଯୋଗ ଦେଇ ବିଜେତା ଦଳ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ରଘୁନାଥ ମୁର୍ମୁ ମେମୋରିଆଲ କ୍ଲବର ସମ୍ପାଦକ ଗୁହିରାମ ହେମ୍ବ୍ରମ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇ ରୁଦ୍ର ହସପିଟାଲ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

କେନ୍ଦ୍ରାପଡ଼ା, ୧୪।୭(ପି.ଏନ) କେନ୍ଦ୍ରାପଡା ଦୁହୁରିଆ ଠାରେ ନୂତନ ଭାବେ ସ୍ଥାପନ ହୋଇଥିବା ସାଇ ରୁଦ୍ର ହସପିଟାଲ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ଆଖପାଖ ଅଂଚଳର ଶତାଧିକ ରୋଗୀ ଯୋଗ ଦେଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଉପସ୍ଥିତ ଚିକିତ୍ସକ ମାନଙ୍କ ପରାମର୍ଶ ନେଇଥିଲେ। ଲାପ୍ରୋସ୍କୋପିଓ ସର୍ଜରୀର ସହକାରୀ ପ୍ରଫେସର ଡାକ୍ତର ଭାଗବତ ପୁରୁଷୋତମ ଦଣ୍ଡପାଟ ଓ ଭେଷଜ ବିଭାଗର ସହକାରୀ ପ୍ରଫେସର ଡାକ୍ତର ନିଳକାନ୍ତ ଥା ପ୍ରମୁଖ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରେପାଇଟର ଦେବାଶିଷ ସ୍ୱାଇଁଙ୍କ ସମେତ ଆଶିଷ ସ୍ୱାଇଁ, ପ୍ରଭାକର ଦଳାଇ, ମିନା ବେହେରା, ରମେଶ ସେନାପତି, ଗୋବିନ୍ଦ ସେଠୀ , ସମୀର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଏହି ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ପ୍ରତିଦିନ ଏକ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି ।

## ଏଚ଼ଡିଏଫସି ବ୍ୟାଙ୍କ ପକ୍ଷରୁ ପୁରାନି ଗାଡି ନଇ ସୁରୁବାତ

ଭୁବନେଶ୍ୱର,(ପି.ଏନ): ଦେଶର ଅଗ୍ରଣୀ ଘରୋଇ କ୍ଷେତ୍ର ବ୍ୟାଙ୍କ ଏଚ଼ଡିଏଫସି ପକ୍ଷରୁ ସାରା ଦେଶରେ ପୁରାନି ଗାଡି ନଇ ସୁରୁବାତ ଅଭିଯାନ ହାତକୁ ନିଆଯାଇଛି। ଅଗଷ୍ଟ ୭ ରୁ ଆରମ୍ଭ ହୋଇ ଥିବା ଏହି ଅଭିଯାନରେ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କୁ ପୁରୁଣା ବାଣିଜ୍ୟିକ ଯାନ ଏବଂ ପରିବହନକାରୀ ଓ ଠିକାଦାରଙ୍କୁ ବ୍ୟବହାର ହୋଇଥିବା ନିର୍ମାଣ ଯନ୍ତ୍ରାଂଶ କିଣିବାକୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।ଏହା ଦ୍ୱାରା ଉଭୟ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହାରାଞ୍ଚଳର ୫୦ ହଜାର ଗ୍ରାହକଙ୍କ ନିକଟରେ ସେବା ପହଞ୍ଚାଇବାକୁ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ବାଙ୍ଗାଲୋର, କଲିକତା, ଅହମଦାବାଦ, ମୁମ୍ବାଇ, ଜୟପୁର, ଚେନାଇ, ପ୍ରୟାଗରାଜ, ହାଇଦ୍ରାବାଦ, ଇନ୍‌ଦୋର, ଦିଲୀ, ଭଦୋଦରା, କୋଚି, ଯୋଧପୁର, କର୍ଣ୍ଣାଲ ଭଳି ଦେଶର ଅନ୍ୟ ପ୍ରାନ୍ତରେ ଏହା କାର୍ଯ୍ୟକାରୀ ହୋଇଛି।ଏହି ଅବସରରେ ପରିବହନ ହବ ଗୁଡିକରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି। ବ୍ୟବହାର ହୋଇଥିବା ବାଣିଜ୍ୟିକ ଯାନ ଫାଇନାନ୍ସ କ୍ଷେତ୍ରରେ ବ୍ୟାଙ୍କ ଏହାର ସ୍ଥିତି ଦୃଢ କରିବାକୁ ଲକ୍ଷ୍ୟ ରଖିଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଉପାନ୍ତ ଅଂଚଳରେ ପହଞ୍ଚିବାକୁ ବ୍ୟାଙ୍କ ଯୋଜନା ରଖିଛି। ଏହା ଦ୍ୱାରା ଡ୍ରାଇଭର ମାନେ ଟ୍ରକ ମାଲିକ ହୋଇ ପାରିବେ ବୋଲି ଏଚ଼ଡିଏଫସି ବ୍ୟାଙ୍କର ବାଣିଜ୍ୟିକ ଏବଂ ଗ୍ରାମୀଣ ବ୍ୟାଙ୍କିଙ୍ଗ ଗ୍ରୁପ ମୁଖ୍ୟ ରାହୁଲ ଏସ ଶୁକ୍ଲା କହିଛନ୍ତି। ବଜାର ଅଂଶ ଏବଂ ନୂଆ ଗ୍ରାହକ ଯୋଡିବାରେ ଏହା ସହାୟକ ହେବ ବୋଲି ବ୍ୟାଙ୍କର ପରିବହନ ଏବଂ ଭିତିଭିମି ଫାଇନାନ୍ସ ଗ୍ରୁପ ମୁଖ୍ୟ ରାଜିନ୍ଦର କୁମାର ବବର କହିଛନ୍ତି।

# ଗୋପବନ୍ଧୁ ପ୍ରେସ୍ କ୍ଲବ୍ ତରଫରୁ ସ୍ୱାଧିନତା ଦିବସ ପାଳିତ



ଜେନାପୁର(ପି.ଏନ୍): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ,ବ୍ୟାଙ୍କ୍,ବିଦ୍ୟାଳୟ, ମହାବିଦ୍ୟାଳୟ,ସମାଜସେବୀ ଅନୁଷ୍ଠାନ,କୋର୍ଟ କଚେରୀ,ବ୍ଲକ୍ କାର୍ଯ୍ୟାଳୟ ଓ ସମସ୍ତ ସରକାରୀ କାର୍ଯ୍ୟାଳୟ ପରିସରରେ ଦେଶର ମହାନତାକୁ ବଜାଇ ରଖିବା ପାଇଁ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସେହିପରି ଜେନାପୁର ଥାନା ଅଧିନରେ ଥିବା ସ୍ଥାନାନ୍ତରିତ ନୂତନ କରି ସାମ୍ବାଦିକ ସଦସ୍ୟମାନଙ୍କୁ ନେଇ ଗଢି ଉଠିଥିବା ଗୋପବନ୍ଧୁ ପ୍ରେସ୍ କ୍ଲବ୍ ତରଫରୁ ୭୭ତମ ସ୍ୱାଧିନତା ଦିବସ କନ୍ତପଡା ଠାରେ ପାଳିତ ହୋଇଯାଇଛି । ଏଥିରେ ସଭାପତି ଶ୍ରୀଯୁକ୍ତ ଅଶୋକ ଦାସଙ୍କ ଆବାହକତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀ,ବିଦ୍ୟାଳୟର ଶିକ୍ଷକଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ଆୟୋଜିତ କରାଯାଇଥିଲା । କବାଟବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ନିହାର ରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଡାକ୍ତର କରଙ୍କୁ କ୍ଲବର ସଦସ୍ୟମାନେ ପାଖରେ ପାଇବା ପରେ ପ୍ରେସ୍ କାର୍ଯ୍ୟାଳୟକୁ ପୁଷ୍ପଗୁଛ ଦେଇ ପାଛୋଟି ନେଇଯାଇଥିଲେ । କିଛି ସମୟ ପରେ ଡାକ୍ତର କର ଓ ପୂର୍ବତନ ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉପସ୍ଥିତ ରହିଥିବା ଛାତ୍ରଛାତ୍ରୀ,ଶିକ୍ଷକ ସହଯୋଗରେ ଡାକ୍ତର କରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଜାତୀୟ ସଂଗୀତ ଗାନ ସହ ସହିଦ୍ ବୀରପୁତ୍ରମାନଙ୍କ ସ୍ମୃତି ଉଜିବିତ କରିବା ପାଇଁ ଜୟଗାନରେ ପରିସର ଭକ୍ତିମୟ ସୃଷ୍ଟି ହୋଇଥିଲା । ଏଥିରେ କ୍ଲବ୍ ର ସଂପାଦକ ଶ୍ରୀଯୁକ୍ତ ଚିତ୍ରସେନ୍ ନାଥ,କୋଷାଧ୍ୟକ୍ଷ ସୁନିଲ୍ ପାଢି,ବସନ୍ତ ମଲ୍ଲିକ୍,ନିଷ୍କାନ୍ତ ଖଟୁଆ,ପ୍ରଶାନ୍ତ କୁମାର ସାମଲ ଓ ଅନ୍ୟ ସଦସ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ମଣ୍ଡିତ ହେଇଥିଲା ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
• Surveillance through CCTV Camera • Small Classes • Congenial Environment • Intimate, Safe & Secured Place • Experienced & loving teachers • Individual attention to each child • Spacious Playground • AC Activity Room • Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray